ପ୍ରେସ୍‌ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୭୭ ଜଣ କରୋନା ପଜିଟିଭ ଚିହ୍ନଟ - ସୁସ୍ଥ ହେଲେ ୭ ଜଣ ।

ଅନୁଗୋଳ,ତା.୮.୯:- ଆଜି ଅନୁଗୋଳ ଜିଲ୍ଲାରୁ ୭୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇ ପଜିଟିଭ ସଂଖ୍ୟା ୧୩୯୪ରେ ପହଞ୍ଚିଲା । ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ବଅଁରପାଳ ବ୍ଲକ୍ ଅଂଚଳରୁ ୧୮ ଜଣ(୧୪ଜଣ ପୁରୁଷ ଓ ୪ ଜଣ ମହିଳା) , ଅନୁଗୋଳ ବ୍ଲକ୍ ଅଂଚଳରୁ ୧୦ ଜଣ(୫ ଜଣ ପୁରୁଷ ଓ ୫ ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୧୦ଜଣ(୮ ଜଣ ପୁରୁଷ ଓ ୨ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୯ ଜଣ ( ୪ ଜଣ ପୁରୁଷ ଓ ୫ ଜଣ ମହିଳା) ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୯ ଜଣ (୮ ଜଣ ପୁରୁଷ , ଓ ଜଣେ ମହିଳା),କଣିହାଁ ବ୍ଲକ୍ ଅଂଚଳରୁ ୮ଜଣ(୪ ଜଣ ପୁରୁଷ ଓ ୪ ଜଣ ମହିଳା), ତାଳଚେର ପୌରାଂଚଳରରୁ ୬ ଜଣ (୪ ଜଣ ପୁରୁଷ ଓ ୨ ଜଣ ମହିଳା) ଅଛନ୍ତି । ସେହିପରି ଅନୁଗୋଳ ପୌରାଂଚଳର ସମସ୍ତ ୪ ଜଣ ଯାକ ଆକ୍ରାନ୍ତ ପୁରୁଷ ହୋଇଥିବା ବେଳେ କିଶୋରନଗର ବ୍ଲକ ଅଂଚଳର ୨ ଜଣ (ଜଣେ ପୁରୁଷ ଓ ଜଣେ ମହିଳା) ଓ ପାଲଲହଡା ବ୍ଲକ୍ ଅଂଚଳରୁ ଜଣେ ପୁରୁଷ କରୋନା ଆକ୍ରାନ୍ତ ହୋଇଥିବାର ଜଣାପଡିଛି । ସମସ୍ତେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରହିବାର ବ୍ୟବସ୍ଥା କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତିମଧ୍ୟରେ ସୁସ୍ଥ ହୋଇଥିବା ୭ ଜଣଂକୁ ନିଜ ଘରେ Isolation ରେ ରହିବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ସୁସ୍ଥ ହୋଇଥିବା ୫୩୮ ଜଣଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୫୪୫ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୬୧୨ ତା.୮.୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୮।୯।୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ